To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଉତ୍ତର କୋରିଆ ପ୍ରସ୍ତୁତ କରୁଛି ପ୍ଲେଗ ଓ ହାଡ଼ଫୁଟିର ବୋମା, ବିଶ୍ୱରେ ସୃଷ୍ଟି କରିବ ଆତଙ୍କ

R.N.I. No.-42041/83 Vol-15, Issue No.116, ଭଦ୍ରକ, ବୁଧବାର, ୨୫, ଅକ୍ଟୋବର ୨୦୧୭ ■ Bhadrak, Wednesday, 25 October 2017 Rs. 2.00 Pages-8

୭୦ ବ୍ଲକରେ ମରୁଡ଼ି

୨୭ରେ ରିପୋର୍ଟ ଉପରେ ତର୍ଜମା

ଖୁବ ଶୀଘ୍ର ଚାଷୀଙ୍କୁ ମିଳିବ ସହାୟତା : କୃଷି ମନ୍ତ୍ରୀ

ଭୁବନେଶ୍ୱର, ୨୪।୧୦ (ସକାଳ ଖବର): ଜିଲ୍ଲାପାଳ ମାନଙ୍କ ଠାରୁ ମିଳିଥିବା ରିପୋର୍ଟ ଅନୁଯାୟୀ ରାଜ୍ୟର ୧୫ ଟି ଜିଲ୍ଲାର ୭୦ ଟି ବ୍ଲକ୍ ର ୧୧୨୫ ଟି ଗ୍ରାମ ପଂଚାୟତରେ ମରୁଡି ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ପ୍ରକାଶ କରିଛନ୍ତି । ଆସନ୍ତା ୨୭ ତାରିଖରେ ହେବାକୁ ଥିବା ବିଭିନ୍ନ ବିଭାଗର ବୈଠକରେ ମିଳିଥିବା ରିପୋର୍ଟ ଉପରେ ତର୍ଜମା କରାଯିବ ଏବଂ ଅକ୍ଟୋବର ୩୦ ତାରିଖରେ କ୍ଷତିପୂରଣ ଘୋଷଣା କରାଯିବ । ୩.୧୫ ଲକ୍ଷ ହେକ୍ଟର ଚାଷ ଜମିରେ ଫସଲହାନୀ ହୋଇଛି । ଏଥିନେଇ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ୩୦ ତାରିଖ ଦିନ ଚୂଡାନ୍ତ ରିପୋର୍ଟ ଦିଆଯିବ । ରାଜ୍ୟରେ ମରୁଡ଼ି ଓ ବର୍ଷା-ବନ୍ୟାରେ ପ୍ରଭାବିତ ହୋଇଥିବା ଚାଷୀଙ୍କୁ ଖୁବ ଶୀଘ୍ର ରାଜ୍ୟ ସରକାର କ୍ଷତିପୂରଣ ପ୍ରଦାନ କରିବେ । ଚଳିତ ମାସ ଶେଷ ସୁଦ୍ଧା ସହାୟତା ଦିଆ ଯିବ ବୋଲି ମଙ୍ଗଳବାର ଦିନ କୃଷି ମନ୍ତ୍ରୀ ଡାକ୍ତର ଦମୋଦର ରାଉତ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ମରୁଡ଼ି ସ୍ଥିତିକୁ ନେଇ ୩୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ରିପୋର୍ଟ ମଗାଯାଇଥିଲା । ସମସ୍ତ ରିପୋର୍ଟ ବର୍ତମାନ ସରକାରଙ୍କର ହସ୍ତଗତ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ବସିବା ପରେ ଚାଷୀଙ୍କୁ ସହାୟତା ରାଶି ଯୋଗାଇ ଦିଆଯିବ । ଚଳିତ ମାସ ଶେଷ ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କୃଷି ମନ୍ତ୍ରୀ କହିଛନ୍ତି । ଡ. ରାଉତ କହିଛନ୍ତି ଯେ କୃଷି ବିଭାଗରେ ଅର୍ଥର ଅଭାବ ନାହିଁ । ତେଣୁ ଖୁବ୍ ଶୀଘ୍ର ସହାୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ସେହିପରି ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି ଯେ ଆସନ୍ତା ୩୦ ତାରିଖ ସୁଦ୍ଧା ମରୁଡି ସମ୍ପର୍କରେ ଘୋଷଣା କରାଯିବ ।

ଚୀନ ସୀମାକୁ ଜଗିବ ସେନା ପୋଷ୍ଟ

- ● ୨୫ରୁ ଅଧିକ ସଡ଼କ ନିର୍ମାଣ ଦ୍ରୁତ ଗତିରେ ଚାଲିଛି
- ● ସେନାକୁ ଶିକ୍ଷା ଦିଆଯିବ ଚୀନା ଭାଷା
- ● ନଜର ରଖିବ ଜି-ସ୍ୟାଟ୍ ସଞ୍ଚାର ଉପଗ୍ରହ

ନୂଆଦିଲ୍ଲୀ,୨୪।୧୦ : କେନ୍ଦ୍ର ଗୃହ ମନ୍ତ୍ରୀ ରାଜନାଥ ସିଂହ ମଙ୍ଗଳବାର କହିଛନ୍ତି ଯେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଭାରତ-ଚୀନ ସୀମାରେ ଅଧିକ ୫୦ଟି ବର୍ଡର ପୋଷ୍ଟ ନିର୍ମାଣ ପ୍ରସ୍ତାବ ଉପରେ ବିଚାର କରୁଛି । ଏହା ବ୍ୟତୀତ ଆଇଟିବିପିର ସମସ୍ତ ଯବାନ ଓ ଅଫିସରଙ୍କୁ ଚୀନ ଭାଷା ମଧ ଶିକ୍ଷା ଦିଆଯିବ । ଚୀନ ସହ ନିକଟରେ ସୈନ୍ୟ ଗତିରୋଧ ପରେ ସରକାର ଏହି ପ୍ରସ୍ତାବ ଉପରେ ଗମ୍ଭୀରତାର ସହ ବିଚାର କରୁଛି । ମନ୍ତ୍ରୀ କହିଛନ୍ତି ଅରୁଣାଚଳ ପ୍ରଦେଶ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ସୀମା ପୋଷ୍ଟକୁ ଯୋଡିବା ପାଇଁ ୨୫ ରୁ ଅଧିକ ସଡ଼କ ନିର୍ମାଣ ଦ୍ରୁତ ଗତିରେ ଚାଲିଛି । ରାଜନାଥ ସିଂହ କହିଛନ୍ତି ପ୍ରତ୍ୟେକ ଆଇଟିବିପି ଯବାନ ଏବଂ ଅଫିସରଙ୍କୁ ପ୍ରଶିକ୍ଷଣ ସମୟରେ ଚୀନ ଭାଷାକୁ କେମିତି ବୁଝି ପାରିବେ ସେ ନେଇ ବ୍ୟବସ୍ଥା କରାଯିବ । ଯଦ୍ୱାରା ସେନାଙ୍କୁ ଚୀନର ପିଏଲଏ ସହିତ ସୀମାରେ ଉତ୍ତେଜନା ସମୟରେ ଭାଷା ବୁଝିବାର ସମସ୍ୟା ସମ୍ମୁଖୀନ ହେବାକୁ ନପଡ଼େ । ରାଜନାଥ ଏହା ମଧ କହିଛନ୍ତି ଯେ ଲଦାଖରେ ମୋଡେଲ ବର୍ଡର ପୋଷ୍ଟର ନିର୍ମାଣ କରାଯାଉଛି ଏବଂ ଯଦି ଏହା ସଫଳ ରହେ ତେବେ ଏହାକୁ ବର୍ଡର ପୋଷ୍ଟରେ ମଧ ଲାଗୁ କରାଯିବ । ଗୃହ ମନ୍ତ୍ରାଳୟ ଆକାଶ ମାର୍ଗରୁ ଭାରତୀୟ ସୀମା ଉପରେ ନଜର ରଖିବା ପାଇଁ ଜି-ସ୍ୟାଟ ସଞ୍ଚାର ଉପଗ୍ରହ ବ୍ୟବହାର ପାଇଁ ଆଇଟିବିପିକୁ ନୋଡାଲ ଫୋର୍ସ ରୂପେ ତିଆରି କରାଯାଇଛି । ପାକିସ୍ତାନ ଓ ବାଂଲାଦେଶ ସୀମାରେ ବିଏସଏଫ, ଭାରତ-ନେପାଳ ସୀମାରେ ଏସଏସବି ଓ ଚୀନ ସୀମାରେ ଆଇଟିବିପି ପାଇଁ ସ୍ୟାଟଲାଇଟ ବ୍ୟାଣ୍ଡୱିଥ୍ ଉପଲବ୍ଧ କରିବାକୁ ମଞ୍ଜୁରୀ ଦିଆଯାଇଛି । ଏହାଦ୍ୱାରା ସୁଦୂର ଏବଂ ଦୁର୍ଗମ ବର୍ଡର ପୋଷ୍ଟରେ କମ୍ୟୁନିକେସନ ନେଟୱର୍କ ଭଲ ରହିବ ଏବଂ ସୀମାରେ ଉପଗ୍ରହ ଜରିଆରେ କୌଣସି ସନ୍ଦିଗ୍ଧ ଗତିବିଧିକୁ ମଧ ଧରାଯାଇ ପାରିବ । ଉଲ୍ଲେଖଯୋଗ୍ୟ ଭାରତର ୧୫୦୦୦ କିଲୋମିଟର ସୀମା ପାକିସ୍ତାନ, ଚୀନ, ବାଂଲାଦେଶ, ନେପାଳ ଓ ମିଆଁମାର ସହିତ ଲାଗିଛି । ସଶସ୍ତ୍ର ବଳ ସୀମା ଉପରେ ନଜର ରଖିବା ପାଇଁ ବର୍ତ୍ତମାନ ଇସ୍ରୋର ୧୩ଟି ଉପଗ୍ରହକୁ ବ୍ୟବହାର କରୁଛି ।

୫୦ ଲକ୍ଷ ଚାଷୀଙ୍କୁ ଦିଆଯିବ ରୁପେ କାର୍ଡ :ମନ୍ତ୍ରୀ

ଭୁବନେଶ୍ୱର, ୨୪।୧୦ (ସକାଳ ଖବର):ଆସନ୍ତା ନଭେମ୍ବର ୧୪ ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ସମବାୟ ସପ୍ତାହ ପାଳନ କରାଯିବ । ଏହି ଅବସରରେ ୫୦ ଲକ୍ଷ ଚାଷୀଙ୍କୁ ରୂପେ କାର୍ଡ ପ୍ରଦାନ କରାଯିବ ବୋଲି ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି । ମଙ୍ଗଳବାର ଦିନ ସଚିବାଳୟଠାରେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ୬୪ତମ ସମବାୟ ସପ୍ତାହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରତିବର୍ଷ ନିଖିଳ ଭାରତ ସମବାୟ ସପ୍ତାହ ନଭେମ୍ବର ମାସ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳିତ ହୋଇଥାଏ । ସପ୍ତାହବ୍ୟାପୀ ଏହି ସମାରୋହ ପାଳନ ନିମନ୍ତେ ଜାତୀୟ ସମବାୟ ୟୁନିୟନ୍ ଦ୍ୱାରା ଏକ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇ ସମସ୍ତ ରାଜ୍ୟକୁ ପଠାଯାଇଥାଏ । ସମବାୟ କ୍ଷେତ୍ରରେ ହାସଲ କରାଯାଇଥିବା ସଫଳତାକୁ ଲୋକଲୋଚନକୁ ଆଣିବା, ସମବାୟ ସଂପର୍କିତ ବିଭିନ୍ନ ସମସ୍ୟା ବିଷୟରେ ବିଚାରବିମର୍ଶ କରିବା ଏବଂ ରାଜ୍ୟରେ ସମବାୟ ଆନ୍ଦୋଳନର ବିକାଶ ନିମନ୍ତେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ସମବାୟ ସପ୍ତାହ ସମରୋହର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।ବୈଠକର ବିବରଣୀରୁ ପ୍ରକାଶ ଯେ ରାଜ୍ୟସ୍ତରୀୟ ଏହି ଉତ୍ସବ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ସମବାୟ ସପ୍ତାହର ମୁଖ୍ୟ ଆଲୋଚ୍ୟ ବିଷୟ ହେଉଛି 'ସମବାୟର ଡିଜିଟାଲାଇଜେସନ୍ ମାଧ୍ୟମରେ ଜନସାଧାରଣଙ୍କ ସଶକ୍ତିକରଣ' । ଏହି ଉପଲକ୍ଷେ ଏକ ସ୍ମରଣିକା ଓ ସମବାୟ ସମାଚାରର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇବ । ଏହି ସ୍ମରଣିକା ଓ ସମବାୟ ସମାଚାରରେ ରାଜ୍ୟର ବିଭିନ୍ନ ସମବାୟ ସଂସ୍ଥାମାନଙ୍କର ଶୁଭେଚ୍ଛାମୂଳକ ବିଜ୍ଞାପନ ପ୍ରକାଶିତ ହେବ । ସମବାୟ ବିଭାଗର ସଫଳତା ଓ ଉପଲବ୍ଧିକୁ ନେଇ ବିଜ୍ଞାପନ ମଧ୍ୟ ପ୍ରକାଶ ପାଇବ । ସମବାୟ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ସମବାୟ ସଂସ୍ଥା, ସମବାୟ ଲେଖକମାନଙ୍କୁ ଚୟନ କରାଯାଇ ଏହି ଅବସରରେ ପୁରସ୍କୃତ ଓ ସମ୍ମାନିତ କରାଯିବ । ଏହି ବୈଠକରେ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା, ସମବାୟ ସମିତି ସମୂହର ନିବନ୍ଧକ ଶ୍ରୀ ଶଶିଭୂଷଣ ପାଢି, ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍‌ର ସଭାପତି ଶ୍ରୀ ହେମନ୍ତ ନାୟକ, ସଂପାଦକ ଶ୍ରୀ ବ୍ରହ୍ମାନନ୍ଦ ପରିଡ଼ାଙ୍କ ସମେତ ଅନ୍ୟ ଶୀର୍ଷ ସମବାୟ ସମିତିର ଅଧ୍ୟକ୍ଷ ଓ କର୍ମକର୍ତା ଉପସ୍ଥିତ ଥିଲେ ।

ଦାମଙ୍କ ହାତ ଛାଡ଼ିଲା ବିଜେଡି

କଂଗ୍ରେସ-ବିଜେପି ଠୁ ସମଦୂରତା ରହିଛି : ନବୀନ

- ▶ କଂଗ୍ରେସ ଅଛୁଆଁ ନୁହେଁ: ଦାମ
- ▶ ମେଣ୍ଟକୁ ଗ୍ରହଣ କରିବା କଷ୍ଟ: ବୈଜୟନ୍ତ

ଭୁବନେଶ୍ୱର, ୨୪।୧୦ (ସକାଳ ଖବର): ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ଉଭୟ ବିଜେପି ଏବଂ କଂଗ୍ରେସ ଠାରୁ ସମ ଦୂରତାରେ ରହିଛି । ଓଡିଶାବାସୀଙ୍କର ଆଶୀର୍ବାଦ ନେଇ ରାଜ୍ୟର ଅଧିକାର ପାଇଁ ଲଢେଇ ଜାରୀ ରଖିବୁ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ମଙ୍ଗଳବାର ଦିନ ନିଜ ଟ୍ୱିଟର ଶ୍ରୀ ପଟ୍ଟନାୟକ ଏହା ଲେଖିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ପଷ୍ଟୀକରଣ ପରେ ବିଜେଡିର କଂଗ୍ରେସ ସହିତ ମେଂଟ ନେଇ ଚାଲି ଥିବା ଚର୍ଚ୍ଚା ଫିକା ପଡି ଯାଇଛି । ଅନ୍ୟପକ୍ଷରେ ମଙ୍ଗଳବାର ଦାମୋଦର ରାଉତ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ମୋ କଥାର ଅର୍ଥରୁ ଅନର୍ଥ ବାହାର କରାଯାଉଛି। ବିନା ସାହାଯ୍ୟରେ ନିର୍ବାଚନ ଲଢିବା ପାଇଁ ଆମର ଶକ୍ତି ଅଛି। କଂଗ୍ରେସ-ବିଜେଡି ମେଂଟ ପ୍ରସଙ୍ଗରେ ବରିଷ୍ଠ ମନ୍ତ୍ରୀ ଡ. ଦାମୋଦର ରାଉତ କହିଛନ୍ତି । ସେ କହିଛନ୍ତି ଯେ ଦଳରେ କିଏ କ'ଣ ବୁଝନ୍ତି, ମୁଁ ଜାଣେ ନାହିଁ ମୁଁ ପ୍ରଥମେ ଭାରତୀୟ, ପରେ ଓଡ଼ିଆ। ଓଡ଼ିଆ ସ୍ୱାର୍ଥ ଓ ସ୍ୱାଭିମାନଙ୍କୁ ଅବହେଳା କରାଗଲା ବୋଲି ବିଜୁ ପଟ୍ଟନାୟକ ସେବେ ଆଂଚଳିକ ଦଳ ଗଢିଥିଲେ। ସେ ଜବାହାରଲାଲ ନେହେରୁଙ୍କ ସମର୍ଥକ ଥିଲେ,ସେ କଂଗ୍ରେସକୁ ବିରୋଧ କରୁ ନ ଥିଲେ। ଜବାହାରଲାଲ ନେହେରୁଙ୍କ ପରେ କଂଗ୍ରେସର ଯେଉଁ ନେତୃତ୍ୱ ଆସିଥିଲା ସେଥିପାଇଁ ସେ କଂଗ୍ରେସ ଛାଡି ଦେଇଥିଲେ। ୨୦୦୯ ମସିହାରୁ କଂଗ୍ରେସ ଓ ବିଜେପଠାରୁ ସମଦୂରତା ରଖିଛୁ। ମୁଁ କଂଗ୍ରେସ ସମର୍ଥକ ନୁହେଁ, କଂଗ୍ରେସକୁ ସବୁବେଳେ ସମାଲୋଚନା କରି ଆସିଛି। ସେହିପରି ବିଜେପି ସମ୍ପର୍କରେ ସେ କହିଛନ୍ତି ଯେ ତିନିବର୍ଷ ହେଲା ନରେନ୍ଦ୍ର ମୋଦି ସରକାର ସାଂପ୍ରଦାୟିକତା ବିଷ ମଞ୍ଜି ବୁଣି ଚାଲିଛନ୍ତି। ଅନ୍ୟପକ୍ଷରେ ମେଂଟ ସମ୍ପର୍କରେ ବୈଜୟନ୍ତଙ୍କ ଟ୍ୱିଟ୍ ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ୮୦ରୁ୯୦ ଦଶକରେ ବୈଜୟନ୍ତ କେଉଁଠି ଥିଲେ? ଯାହାକୁ ଯେମିତି ରସିଲା, ତାକୁ ସେମିତି ବାସିଲା । ଭର୍ତୃହରିଙ୍କ କଂଗ୍ରେସ ଅଛୁଆଁ ପ୍ରସଙ୍ଗରେ ମଧ ମତ ରଖି କହିଛନ୍ତି ଯେ ମୁଁ ଏବେବି କହୁଛି କଂଗ୍ରେସ ଅଛୁଆଁ ନୁହେଁ। ଓଡ଼ିଶାକୁ କଂଗ୍ରେସର ଅବହେଳା ପ୍ରସଙ୍ଗରେ ମୁଁ ସମାଲୋଚନା କରେ। ତେବେ କଂଗ୍ରେସ ସହ ବିଜେଡ଼ିର ମେଣ୍ଟ ନେଇ ବିଜେଡ଼ି ଉପସଭାପତି ତଥା କୃଷି **(ପୃଷ୍ଠା-୭)**

ବିପିୟୁଟି ଛାତ୍ର ପୋଲିସ-ଧସ୍ତାଧସ୍ତି

ଭୁବନେଶ୍ୱର, ୨୪।୧୦ (ସକାଳ ଖବର): ସେମିଷ୍ଟାର ପରୀକ୍ଷା ଘୁଞ୍ଚାଇବା ଦାବିରେ ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟ୍) ଛାତ୍ରମାନେ ବୈଷୟିକ ଶିକ୍ଷା ସଚିବ ସଞ୍ଜୟ ସିଂହଙ୍କ କ୍ୱାର୍ଟର ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଗେଟ୍ ଭାଙ୍ଗି ଘର ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ପୋଲିସ ବିରୋଧ କରିଥିଲା । ଫଳରେ ପୋଲିସ ଓ ଉକ୍ତ ଛାତ୍ରଛାତ୍ରୀଙ୍କ ମଧ ଧସ୍ତାଧସ୍ତି ହୋଇଥିଲା । ତେବେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ପୋଲିସ ଲାଠି ଚାର୍ଜ କରିଥିବା ଅଭିଯୋଗ ହୋଇଛି । ଏଥିରେ ଜଣେ ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି । ମାତ୍ର ଲାଠି ଚାର୍ଜକୁ ଭୁବନେଶ୍ୱର ଡିସିପି ଖଣ୍ଡନ କରିଛନ୍ତି । ଭୁବନେଶ୍ୱର ଡିସିପି ସତ୍ୟବ୍ରତ ଭୋଇ କହିଛନ୍ତି ଯେ କେତେକ ପିଲା ବିକ୍ଷୋଭ କରୁଥିଲେ । ପୋଲିସ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଛି । ଏବେ ସ୍ଥିତି ନିୟନ୍ତ୍ରଣରେ ରହିଛି । ଘଟଣା ଉପରେ ନଜର ରଖାଯାଇଛି ।

ହିଜବୁଲ୍ ମୁଜାହିଦ୍ଦିନ୍ ମୁଖ୍ୟଙ୍କ ପୁଅକୁ ଜେରା

ଶ୍ରୀନଗର, ୨୪।୧୦ : ୨୦୧୧ ଆତଙ୍କବାଦୀ କାର୍ଯ୍ୟକଳାପ ଲାଗି ଅର୍ଥ ଯୋଗାଣ ମାମଲାରେ ନ୍ୟାସନାଲ୍ ଇନଭେଷ୍ଟିଗେସନ୍ ଏଜେନ୍ସି (ଏନ୍ଆଇଏ)କୁ ମିଳିଛି ଏକ ବଡ଼ ସଫଳତା । ଏହି ମାମଲାରେ ସଂପୃକ୍ତି ଅଭିଯୋଗରେ ଆତଙ୍କବାଦୀ ସଂଗଠନ ହିଜବୁଲ୍ ମୁଜାହିଦ୍ଦିନ୍ ମୁଖ୍ୟ ସୟଦ୍ ସଲାହୁଦ୍ଦିନଙ୍କ ପୁତ୍ର ସୟଦ୍ ସହିଦ୍ ୟୁସୁଫଙ୍କୁ ମଙ୍ଗଳବାର ଗିରଫ କରାଯାଇଛି । ଗତ ଅକ୍ଟୋବର ୧୬ ତାରିଖରେ ୟୁସୁଫଙ୍କୁ ଏନ୍ଆଇଏ ପକ୍ଷରୁ ଏକ ସମନ ଜାରି କରାଯାଇଥିଲା । ଏହି ସମନରେ ଉଲ୍ଲେଖ କରାଯାଇଥିଲା କିଅନୁସନ୍ଧାନରୁଜଣାଯାଇଛି କିଆତଙ୍କବାଦୀ କାର୍ଯ୍ୟକଳାପ ଲାଗି ପାକିସ୍ତାନରୁଆସିଥିବା ଅର୍ଥ ବାବଦରେ ତାଙ୍କ ପାଖରେ ସୂଚନା ରହିଛି । ଏଣୁ ଏହିମାମଲା ସଂପର୍କିତ କିଛି ପ୍ରଶ୍ନର ଉତ୍ତର ସେ ଦେବା ଆବଶ୍ୟକ । ଏଣୁ ତାଙ୍କୁ ପୁଲିସ ପାଖରେ ହାଜର ହୋଇ ପ୍ରଶ୍ନର ଉତ୍ତର ଦେବାକୁ ହେବ ।



ନେବାର ଭଲ ଉପାୟ ହେଉଛି ଦେବା ।

ହୁଣ୍ଡିର ଆୟ (୨୪.୧୦.୧୭)
୨,୦୨,୩୫୪

ସିଟି ଡିଏଫ୍‌ଓଙ୍କ ଘରେ ଭିଜିଲାନ୍ସର ଚଢ଼ଉ: କୋଟିଏରୁ ଉର୍ଦ୍ଧ୍ୱ ସମ୍ପତ୍ତି ଠାବ

ଭୁବନେଶ୍ୱର, ୨୪।୧୦ (ସକାଳ ଖବର): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ସିଟି ଡିଏଫ୍‌ଓ ଚିତ୍ତରଞ୍ଜନ ମିଶ୍ରଙ୍କ ବାସଭବନ ସମେତ ୪ଟି ସ୍ଥାନରେ ଆଜି ଭିଜିଲାନ୍ସ ଚଢ କରିଛି । ଚଢ଼ଉବେଳେ ଶ୍ରୀ ମିଶ୍ରଙ୍କ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ ହୋଇଥିବାବେଳେ ୭ଟି ବ୍ୟାଙ୍କ ପାସ୍‌ବୁକ୍, ୩୩୫ ଗ୍ରାମ ସୁନା ଅଳଙ୍କାର ଓ ୩୧ ହଜାର ଟଙ୍କା ଜବତ ହୋଇଛି । ଆଜି ଭୋର ୫ଟାରେ ଭିଜିଲାନ୍ସର ବିଭିନ୍ନ ଟିମ୍ ଏକା ସମୟରେ ପୁରୁଣା ଭୁବନେଶ୍ୱର ଗ୍ୟାରେଜ୍ ଛକସ୍ଥିତ ରାଧାକୃଷ୍ଣ ନଗରରେ ୩୩୦/୨୪୧୮ପ୍ଲଟ୍‌ରେ ଥିବା ଶ୍ରୀ ମିଶ୍ରଙ୍କ ବାସବଭବନ, ସହିଦନଗର ଗ୍ରିନ୍ ପାର୍କ ନିକଟରେ ଥିବା କାର୍ଯ୍ୟାଳୟ, କଟକର କାନପୁରରେ ଥିବା ଏକ ମହଲା ଘର ଓ ପୁରୀ ଜିଲ୍ଲା ନିମାପଡ଼ା ଥାନା ଅଧୀନ ପାଟପୁର ସ୍ଥିତ ଶ୍ୱଶୁରଘରେ ଚଢ଼ଉ କରିଥିଲା । ଚଢ଼ଉ ସମୟରେ ବିପୁଳ ପରିମାଣର ଆୟ ବର୍ହିଭୂତ ସମ୍ପତ୍ତିର ସନ୍ଧାନ ମିଳିଥିଲା ।

ଏକ୍ସପ୍ରେସେୱେରେ ଲଢୁଆ ବିମାନର ଅବତରଣ

ଆଗ୍ରା: ଆଜି ଆଗ୍ରା- ଲକ୍ଷ୍ନୌ ଏକ୍ସପ୍ରେସେୱେରେ ଭାରତୀୟ ବାୟୁସେନା ପକ୍ଷରୁ ଲଢୁଆ ବିମାନ ଅବତରଣ ଓ ଉଡ଼ାଣ ଆରମ୍ଭ ହୋଇଛି । ଗତ ୨୦୧୬ ମସିହା ନଭେମ୍ବର ମାସରେ ଆଗ୍ରା- ଲକ୍ଷ୍ନୌ ଏକ୍ସପ୍ରେସେୱେ ଲୋକାର୍ପିତ ହେବା ପରେ ଏହି ଏକ୍ସପ୍ରେସେୱେରେ ପ୍ରଥମ ଥର ପାଇଁ ଭାରତୀୟ ବାୟୁସେନା ପକ୍ଷରୁ ଯୁଦ୍ଧ ପରି ଜରୁରି ସମୟରେ ଯଦି କୌଣସି କାରଣରୁ ଏୟାରଷ୍ଟ୍ରିପ ଖରାପ ହୋଇଯାଏ ତେବେ ଭାରତର ଲଢୁଆ ବିମାନଗୁଡ଼ିକୁ କିପରି ଏକ୍ସପ୍ରେସେୱେରେ ଉଡ଼ାଣ ସହିତ ସଫଳ ଅବତରଣ କରାଯାଇ ପାରିବ ସେ ଅଭ୍ୟାସ କରାଯାଉଛି । ଯୁଦ୍ଧ ପରି କୌଣସି ଜରୁରି ପରିସ୍ଥିତିରେ କିପରି ଜାତୀୟ ରାଜପଥକୁ ବ୍ୟବହାର କରି ଲଢୁଆ ଜେଟ୍ ବିମାନ ଅବତରଣ ଓ ଉଡ଼ାଣ କରାଯାଇପାରିବ ସେ ସମ୍ପର୍କରେ ପାଇଲଟମାନଙ୍କୁ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବାୟୁସେନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ବାୟୁସେନାର ଜଣେ ବରିଷ୍ଠ ପଦାଧିକାରୀ କହିଛନ୍ତି । ଜରୁରି ପରିସ୍ଥିତିରେ ଜାତୀୟ ରାଜପଥକୁ ବ୍ୟବହାର କରାଯାଇ ଭାରତୀୟ ବାୟୁସେନା କିପରି ବିମାନଗୁଡ଼ିକୁ ଅବତରଣ ଓ ଉଡ଼ାଣ କରି ପାରିବ ସେଥିପାଇଁ ଆଜି ଆଗ୍ରା- ଲକ୍ଷ୍ନୌ ଏକ୍ସପ୍ରେସେୱେରେ ବାୟୁସେନାର ୧୭ଟି ଯୁଦ୍ଧ ବିମାନ ଅଭ୍ୟାସ କରିଛନ୍ତି । ଏହା ଫଳରେ ପାଇଲଟମାନେ ସେମାନଙ୍କ ଦକ୍ଷତା ବୃଦ୍ଧି କରି ଜରୁରି ପରିସ୍ଥିତିରେ ଜାତୀୟ ରାଜପଥର ଫାଇଦା ନେଇ ପାରିବେ ବୋଲି ବାୟୁସେନା ପକ୍ଷରୁ **(ପୃଷ୍ଠା-୭)**

ନଭେମ୍ବର ସୁଦ୍ଧା ଝାରସୁଗୁଡାକୁ ବିମାନ ଉଡିବ

ଭୁବନେଶ୍ୱର,୨୪।୧୦ (ସକାଳ ଖବର): ନଭେମ୍ବର ସୁଦ୍ଧା ଝାରସୁଗୁଡାକୁ ବିମାନ ଚଳାଚଳ କରିବା ସେହିପରି ମାର୍ଚ୍ଚ ସୁଦ୍ଧା ରାଉରକେଲାକୁ ବିମାନ ଉଡାଣ ହେବ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ଏହି ଉଡାଣ ନେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏହି ବୈଠକରେ ରାଜ୍ୟର ଆଭ୍ୟନ୍ତରୀଣ ଅଂଚଳରେ ବିମାନ ଉଡାଣ ନେଇ ନିଷ୍ପତି ନିଆଯାଇଛି । ଶ୍ରୀ ପାଢୀ କହିଛନ୍ତି ଯେ ନଭେମ୍ବର ସୁଦ୍ଧା ଝାରସୁଗୁଡ଼ାକୁ ବିମାନ ଉଡ଼ାଣ କରିବା ରାଉରକେଲାକୁ ବିମାନ ଉଡ଼ାଣ ପାଇଁ ଆଉ ଦୁଇରୁ ତିନି ମାସ ଲାଗିବ। ରାଉରକେଲାରେ ବିମାନ ବନ୍ଦର ଦାୟିତ୍ୱ ନେବାକୁ ଆରଏସପି ରାଜି ହେଉ ନଥିବାରୁ ବିଳମ୍ବ ହେଉଛି। ଜୟପୁର ଓ ରାଉରକେଲାକୁ ବିମାନ ଉଡ଼ାଣ ଆସନ୍ତା ମାର୍ଚ୍ଚ ସୁଦ୍ଧା ସମ୍ଭବ ହୋଇପାରିବ।

Ì Ï ’ÿ¯ÿÓ{Àÿ þæ’ µÿ’ÿLÿæÁÿëZÿ þÜÿæÓÀÿÓ†ÿê {¯ÿÉ

{¯ÿLÿ{Àÿ ÀÿÉ àÿSæB A{sæ ’ÿæÁÿLÿ þ†ÿ

BØæ†ÿ ÓÜÿÀÿ ¨æB {SÓÀÿ¯ÿ Aæ~{àÿ AæÀÿ.FÓ.¨. ¯ÿÓÿó ’ÿÁÿ

™þæSÀÿ ¯ÿLÿ A;ÿSt ™ÌÀÿê ¯ÿ ƒæÀÿ{Àÿ {þxÿLÿæàÿ dLÿvÿ ÀÿæÉë™Àÿ ÜÿæBÒÿàÿ dLÿ ¨¾;ÿ ÀÿæÖæ ¨É{Àÿ DfÀÿ Aæ{àÿæLÿ

Àÿæf¿ ¨æÁÿZÿ ’ÿæÀÿæ µÿÓs{Àÿ Ó¨Àÿ Lÿ¸¿sèÿ Ó¯ÿ™æ D’ÿWæs†ÿ

µÿÿŸäþ üÿ{Àÿæf ¯ÿ¨Fàÿ Lÿæxÿ ¨æB fàÿÿæ¨æÁÿZÿ ’ÿæÀÿ×

¯ÿ{fxÿÀÿ A†ÿê†ÿ {ÀÿLÿxÿ ¯ÿÉæÓ{¾æS¿ œÿ{Üÿ : œÿÿÀÿqœÿ

™æþÀÿæ {¨æsÀÿ ÓœÿßÀÿ þ¿fàÿæœÿ fæàÿ{Àÿ Àÿæf¿Lÿ

µÿ fàÿæœÿ fæàÿ{Àÿ Àÿæ fÓ œÿÿêÀÿÿäLÿ

’ÿ...Q ’ÿ”É{Àÿ ÓóSæþê ¨Àÿ¯ÿæÀÿ

†ÿs¨ ,ÿ `ÿLÿÓæ! ¾¯ÿLÿ ÜÿÀÿæB{¯ÿ Üÿæ†ÿ

þQ¿ `ÿLÿÓæÁÿß{Àÿ D{^ÿf œÿÿæ

¨æ~ `ÿAæ{Àÿ SÁ¨Ý 2 ¯ÿÌÀÿ ÉÉ þ†ÿ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ’ÿLÿ : Aþ†ÿ Lÿþæ Àÿ þàÿLÿ